# ପିଲାଙ୍କ ଧରିତ୍ରୀ



# ପିତୃତ୍ୱ ଦିବସ

ଆମେ ସମସ୍ତେ ଆମ ଜୀବନରେ ଜଣେ ସୁପରହିରୋ ହେବାକୁ ଚାହୁଁଛୁ। କିନ୍ତୁ ଜାଣିବା ଦରକାର ଯେ, ଆମ ଜୀବନର ଅସଲ ଏବଂ ପ୍ରଥମ ସୁପରହିରୋ ହେଉଛନ୍ତି ଆମ ବାପା। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ତାଙ୍କ ପିତା ହେଉଛନ୍ତି ଶକ୍ତିର ପ୍ରତୀକ। ଯାହା ସମଗ୍ର ପରିବାରକୁ ଏକାଠି କରିଥାଏ। ବାପା ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ପୂରା ପରିବାରକୁ ଆର୍ଥିକ ଓ ନୈତିକ ଭାବେ ପୋଷଣ କରିଥାନ୍ତି। ଯେତେବେଳେ ବି ଆମେ କୌଣସି ସମସ୍ୟାରେ ପଡିଥାଉ, ପ୍ରଥମେ ଆମେ ମନେ ପକାଉ ବାପାଙ୍କୁ। ଆମ ଜୀବନରେ ତାଙ୍କ ଗୁରୁତ୍ୱ ଅତୁଳନୀୟ, ଆଉ ଏହି କଥାକୁ ମନେ ରଖିବା ପାଇଁ ପ୍ରତିବର୍ଷ ପାଳନ ହେଉଛି ପିତୃତ୍ୱ ଦିବସ। ସମଗ୍ର ସମାଜ ଯେମିତି ପିତାଙ୍କ ମହାନତାକୁ ଅନୁଭବ କରିପାରିବ ସେଥିପାଇଁ ସାରା ବିଶ୍ୱରେ ଏମିତି ଏକ ଦିନକୁ ପାଳନ କରାଯାଉଛି।

କୁହାଯାଏ – ମା' ଜନ୍ମ ଦେଇଥାନ୍ତି, କିନ୍ତୁ ପିତା ପରିବାରର ସୁରକ୍ଷା ଓ ଯତ୍ନ ନେବାରେ ସାରା ଜୀବନ ବିତାଇଥାନ୍ତି। ଆମେ ସମସ୍ତେ ମା'ଙ୍କ ପ୍ରୟାସକୁ ଦେଖି ପ୍ରଶଂସା କରିଥାଉ। କିନ୍ତୁ ଅନେକ ସମୟରେ ପିତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାକୁ ଭୁଲିଯାଇଥାଉ। ପିତୃ ଦିବସ ହେଉଛି, ପିତାମାତାଙ୍କ ସମ୍ପର୍କ ଏବଂ ସାଧାରଣ ଭାବରେ ପିତାଙ୍କ ଅବଦାନକୁ ପାଳନ କରିବା ପାଇଁ ସମର୍ପିତ ଏକ ଦିବସ। ଇତିହାସରେ ବର୍ଣ୍ଣିତ ଆମେରିକୀୟ ଗୃହଯୁଦ୍ଧର ହିରୋ ୱିଲିୟମ୍ ଜ୍ୟାକସନ ସ୍ମାର୍ଟଙ୍କ ଝିଅ ଥିଲେ ସୋନୋରା। ତାଙ୍କ ମା' ଜୋ ସ୍ପୋକେନ୍ ୱାଶିଂଟନରେ ରହୁଥିଲେ। ସେ ତାଙ୍କର ଷଷ୍ଠ ସନ୍ତାନକୁ ଜନ୍ମ ଦେବା ସମୟରେ ମୃତ୍ୟୁବରଣ କରିଥିଲେ। ତାପରେ ସୋନୋରାଙ୍କ ସାନ ଭଉଣୀ ଭାଇଙ୍କୁ ଲାଳନପାଳନର ଦାୟିତ୍ୱକୁ ଏକା ପୂରା କରିଥିଲେ ତାଙ୍କ ବାପା। ବାପା ଓ ମା' ଉଭୟ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ପିଲାମାନଙ୍କୁ ବହୁ କଷ୍ଟରେ ବଡ କରିଥିଲେ। ସେ ସମୟରେ ବାପାଙ୍କର ତ୍ୟାଗ ଓ ପରିଶ୍ରମକୁ ଅନୁଭବ କରିପାରିଥିଲେ ସୋନୋରା। ଥରେ ସେ ମାତୃ ଦିବସ ଉପରେ ଏକ ବକ୍ତବ୍ୟ ଶୁଣିଥିଲେ। ତା' ପରେ ଅନୁଭବ କରିଥିଲେ ଯେ ପିତାମାନେ ମଧ୍ୟ ସମାନ ସମ୍ମାନ ପାଇବାକୁ ଯୋଗ୍ୟ। ତେଣୁ ସେ ପିତୃତ୍ୱ ଦିବସ ଘୋଷଣା କରିବାକୁ ଆବେଦନ କରିଥିଲେ। ଏହା ପରଠାରୁ ପିତୃତ୍ୱ ଦିବସ ବି ପାଳନ ଆରମ୍ଭ ହୋଇଥିଲା। ୧୯୧୦ ମସିହା ଜୁନ୍ ୧୯ ତାରିଖରେ ଆମେରିକାର ୱାଶିଂଟନରେ ପ୍ରଥମ ଥର ପାଇଁ ପିତୃତ୍ୱ ଦିବସ ପାଳନ ହୋଇଥିଲା। ଏହା ପରେ ଜୁନ୍ ମାସ ତୃତୀୟ ରବିବାରରେ ପ୍ରାୟ ଦେଶରେ ଏହି ଦିବସ ପାଳନ କରାଯାଉଛି।



*– ଲଳିତ ମୋହନ ମିଶ୍ର*
*ଅରବିନ୍ଦ ନଗର, ନୟାଗଡ଼*
*ମୋ: ୯୪୩୭୯୮୫୮୬୬*

## ଖିଲି ଖିଲି ହସ

ବାପା: ଆରେ ପପୁ ପିମ୍ପୁଡି ଧାଡି ପଛେପଛେ କୁଆଡେ ଯାଉଛୁ ?
ପପୁ: ବାପା! ମୁଁ ଜାଣିଛି ପିମ୍ପୁଡିମାନେ ଜାଣିଛନ୍ତି ମାମା ମିଠା କୋଉଠି ଲୁଚେଇଛି।

ଚନ୍ଦୁ ଡାକ୍ତରଙ୍କୁ କହିଲା–ସାର୍,ମୁଁ ଯେତେବେଳେ ଶୋଉଛି ସ୍ୱପ୍ନରେ ମାଙ୍କଡମାନେ ଫୁଟବଲ୍ ଖେଳୁଛନ୍ତି।
ଡାକ୍ତର: କିଛି ବ୍ୟସ୍ତ ହେବାର ନାହିଁ, ଏ ବଟିକା ନିଅ ରାତିରେ ଶୋଇବା ପୂର୍ବରୁ ଖାଇଦେବ।
ଚନ୍ଦୁ: ସାର୍ କାଲିଠାରୁ ଖାଇବି, ଆଜି ତ ଫାଇନାଲ ମ୍ୟାଚ୍ ଅଛି।

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ–ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରେ ତାତ୍ପର୍ଯ୍ୟ କ'ଣ କୁହ ?
କ୍ଲାସ ମଧ୍ୟରୁ ଗୋଟେ ପିଲା ବାହାରି ରାଜୁ କହିଲା– ସ୍ୱର ବର୍ଣ୍ଣ କହିଲେ ପାଟିରୁ ବାହାରେ ଓ ବ୍ୟଞ୍ଜନ କହିଲେ ପାଟି ଭିତରେ ରହିଯିବା।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▸▸ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡିକ ସୁନ୍ଦର ଲାଗୁଛି।
**–ସୋନାଲି ପ୍ରିୟଦର୍ଶିନୀ, ରାଉରକେଲା**

▸▸ 'ଦୟାର ଫଳ' ଗପଟି ପଢ଼ି ଭଲ ଲାଗିଲା।
**–ସୁମିତ କୁମାର ସାହୁ, ସୋନପୁର**

▸▸ ପୃଷ୍ଠା–୭ରେ ପ୍ରକାଶ ପାଉଥିବା ବିଷୟଗୁଡିକ ଶିକ୍ଷଣୀୟ ହୋଇପାରୁଛି।
**–ଅନନ୍ୟା ନାୟକ, ଅନୁଗୋଳ**

▸▸ ଗତ ସପ୍ତାହରେ ପୃଷ୍ଠା–୩ରେ ପ୍ରକାଶିତ 'ଅତିଥି ସତ୍କାର' ବିଷୟରୁ କିଛି ନୂଆ କଥା ଜାଣିବାକୁ ମିଳିଲା।
**–ପୁଣ୍ୟତୋୟା ଦାସ, ପୁରୀ**

## ରଙ୍ଗ ଦିଅ



## ଫଳ ପାଚିବାର କୃତ୍ରିମ ଉପାୟ



ଫଳକୁ କୃତ୍ରିମ ଉପାୟରେ ପଚାଇବା ପାଇଁ ବ୍ୟବହାର କରାଯାଏ କ୍ୟାଲସିୟମ୍ କାର୍ବାଇଡ୍, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ। ଅନେକ ସମୟରେ ଏହା କିଡ୍‌ନୀ, ଲିଭର ଭଳି ବିଭିନ୍ନ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ଫଳ ପଚାଇବା ପାଇଁ ବ୍ୟବହାର ହେଉଥିବା କ୍ୟାଲସିୟମ୍ କାର୍ବାଇଡ୍ ଶରୀର ପାଇଁ ଏକପ୍ରକାର ବିଷ ସଦୃଶ। ସାମାନ୍ୟ ମାତ୍ରାରେ ବି ଏହା ଯଦି ସବୁଦିନ ଶରୀର ଭିତରକୁ ଯାଏ ତେବେ କିଡ୍‌ନୀ ଓ ଲିଭର ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ। କେତେକ ସମୟରେ କିଡ୍‌ନୀ ଓ ଲିଭରକୁ ସମ୍ପୂର୍ଣ୍ଣ ଖରାପ କରି ଦେଇଥାଏ। କ୍ୟାଲସିୟମ୍ କାର୍ବାଇଡ୍‌କୁ ପାଣିରେ ମିଶାଇବା ମାତ୍ରେ ଏଥିରୁ ଏସିଟିଲିନ୍ ଗ୍ୟାସ ବାହାରି ଥାଏ ଯାହା ଫଳକୁ ପଚାଇବାରେ ସାହାଯ୍ୟ କରେ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଶରୀରରେ ଏହାର ମାତ୍ରା ଅଧିକ ରହିଲେ କିଡ୍‌ନୀ ଖରାପ ହେବା ସହିତ ତ୍ୱଚାରେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇଥାଏ। ଫୁସ୍‌ଫୁସ୍‌ରେ ପାଣି ଜମିବା, ହୃଦ୍‌ରୋଗ ଓ ପ୍ରୋଷ୍ଟେଟ୍ କ୍ୟାନସର ଭଳି ବିଭିନ୍ନ ସମସ୍ୟାର କାରଣ ହୋଇପାରେ ଏହି କ୍ୟାଲସିୟମ୍ କାର୍ବାଇଟ୍।

### ସାବଧାନତା

✪କ୍ୟାଲସିୟମ୍ କାର୍ବାଇଟ୍‌ର ପ୍ରଭାବ କମ୍ କରିବାକୁ ହେଲେ ସବୁବେଳେ ଅର୍ଗାନିକ୍ ଖାଦ୍ୟପଦାର୍ଥ ଖାଇବାକୁ ଚେଷ୍ଟା କରନ୍ତୁ। ଯଦି ଏହା ସମ୍ଭବ ହେଉ ନାହିଁ ତେବେ ବଜାରରୁ ଆଣୁଥିବା ଫଳକୁ ପ୍ରଥମେ ଅଧଘଣ୍ଟା ପାଣିରେ ଭିଜାଇ ତାପରେ ଭଲଭାବେ ଧୋଇ ଖାଆନ୍ତୁ।

✪ସବୁବେଳେ ଋତୁ ଅନୁଯାୟୀ ଫଳ ଖାଆନ୍ତୁ। ଋତୁ ଅନୁସାରେ ହେଉ ନ ଥିବା ଫଳକୁ ଅଧିକ ରାସାୟନିକ ପଦାର୍ଥ ଦେଇ ରଖାଯାଏ, ଯାହାକୁ ଖାଇଲେ ସ୍ୱାସ୍ଥ୍ୟ ଖରାପ ହୋଇଥାଏ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଆସିଛି ରଜ

ହସମଜା, ଖିଆପିଆ ଓ ବୁଲାବୁଲିର ପର୍ବ 'ରଜ'। ଏଇଥିପାଇଁ ପ୍ରତି ପିଲାଙ୍କ ଭିତରେ ରହିଥାଏ ସ୍ୱତନ୍ତ୍ର ଆକର୍ଷଣ । କହିବାକୁ ଗଲେ ଖରାଛୁଟିର ମୁଖ୍ୟ ଆକର୍ଷଣ ହେଉଛି ଏହି ପର୍ବ ।

ଓଡ଼ିଶାର କୃଷିଭିତ୍ତିକ ଏକ ପ୍ରମୁଖ ପର୍ବ ହେଉଛି ରଜ। ସୁଖ ସମୃଦ୍ଧି ଓ ଆନନ୍ଦର ଏହି ପର୍ବରେ ପିଲାଠୁ ବୟସ୍କ ସମସ୍ତେ ସାମିଲ ହୁଅନ୍ତି। ପରମ୍ପରା ଅନୁସାରେ ଏହି ରଜ ସମୟରେ ସମସ୍ତ ପ୍ରକାର କୃଷି କାର୍ଯ୍ୟ ବନ୍ଦ ରହିଥାଏ। ତେଣୁ କୃଷକଙ୍କଠାରୁ ଆରମ୍ଭ କରି ଅନ୍ୟ ସମସ୍ତଙ୍କ ପାଇଁ ବିଶ୍ରାମର ସମୟ ହେଉଛି ରଜ।

ଧରିତ୍ରୀ ମାତାଙ୍କୁ ସମ୍ମାନ ଜଣାଇ ଏହି ପର୍ବକୁ ପାଳନ କରାଯାଇଥାଏ। ସେହି ଦୃଷ୍ଟିରୁ ରଜ ଉତ୍ସବରେ ଝିଅମାନଙ୍କ ଖୁସିକୁ ଅଧିକ ଗୁରୁତ୍ୱ ଦିଆଯାଏ। ଦିନସାରା କେବଳ ସଜବାଜ ହୋଇ ଖିଆପିଆ ଓ ଖେଳାବୁଲାରେ କଟିଯାଏ। ପରମ୍ପରା ଓ ସଂସ୍କୃତିର ଏକ ଭିନ୍ନ ଭାବଥିବା ଏହି ପର୍ବ ଗାଁଗୁଡ଼ିକରେ ବେଶ୍ ଆନନ୍ଦ ଉତ୍ସାହରେ ପାଳନ କରାଯାଏ। ମାତ୍ର ଆଧୁନିକତାର ପ୍ରଭାବରେ ଧୀରେ ଧୀରେ ଏହି ପର୍ବ ଏକ ପରିବର୍ତ୍ତିତ ରୂପରେ ପାଳିତ ହେଉଛି। ତଥାପି ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସ ସବୁ ସ୍ତରରେ ରହିଛି। ଏମିତିକି ସହରରେ ବି ରଜ ଉତ୍ସବକୁ ମନେ ପକାଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୋଳି ଲଗାଯିବା ସହିତ ପୋଡପିଠା, ରଜପାନ ଆଦିର ଆୟୋଜନ କରାଯାଉଛି।

ରଜର ମୁଖ୍ୟ ଆକର୍ଷଣ ହେଉଛି ରଜଦୋଳି, ପୋଡ଼ପିଠା ଓ ରଜପାନ। ପିଲାମାନେ ବିଶେଷକରି ଝିଅମାନେ ଦୋଳି ଖେଳନ୍ତସ ଓ ପୁଅମାନେ ଅନ୍ୟାନ୍ୟ ଖେଳର ମଜା ନିଅନ୍ତି। ଆଗରୁ ଗାଁମାନଙ୍କରେ ଗଛରେ ବିଭିନ୍ନ ପ୍ରକାର ଦୋଳି ଲଗା ଯାଉଥିଲା। ଏବେ ଆଧୁନିକତାର ସ୍ପର୍ଶରେ ଆଉ ସେଭଳି ଦୋଳି ଦେଖିବାକୁ ମିଳୁନାହିଁ ସତ ମାତ୍ର ବିଭିନ୍ନ ପ୍ରକାରର ଝୁଲା ଦୋଳି ସବୁ ବିକ୍ରି ହେଉଛି। କିଣା ଦୋଳିକୁ ଘରେ ଲଗାଇ ପିଲାମାନେ ସେଥିରେ ବସି ମଜା ନେଉଛନ୍ତି। ଏହା ସହିତ ପୋଡପିଠା ଓ ରଜପାନର ସ୍ୱାଦ ବି ନିଆରା। ମୁଖ୍ୟତଃ ତିନିଦିନ ଧରି ପାଳନ ହୁଏ ରଜ। ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ କୁହାଯାଏ ଭୂମିଦହନ। ଏହାପରେ ଚତୁର୍ଥ ଦିନ ବସୁମତୀକୁ ସ୍ନାନ କରିବାର ଏକ ପରମ୍ପରା ବି ଅଛି। ପରମ୍ପରା ସଂସ୍କୃତି ସହ ଏହି ପର୍ବର ବିଶେଷତ୍ୱ ବି ରହିଛି।

## ଖୁବ୍ ମଜା ହେଉଛି



ପ୍ରତିବର୍ଷ ଭଳି ଏବର୍ଷ ବି ମୋର ଗାଁରେ ଚାଲିଛି ରଜ ମଉଜ। ଯେକୌଣସି ପର୍ବ ହେଉ ଏକା ଏକା ପାଳିବାରେ କିଛି ବି ମଜା ନ ଥାଏ। ଗାଁରେ ବଡ଼ବାପା ଓ ମୋର ସବୁ ଭାଇ, ଭଉଣୀମାନେ ଅଛନ୍ତି। ଆଉ ତା'ପରେ ଅପା ଓ ତାଙ୍କ ପୁଅ ବି ଆସିଛନ୍ତି। ତେଣୁ ଏଠି ସମସ୍ତଙ୍କ ସହ ଏକାଠି ରଜରେ ଖୁବ୍ ମଜା ଲାଗୁଛି। ଘରେ ସବୁଦିନ ନୂଆ ନୂଆ ପ୍ରକାରର ପିଠା ଆଉ ମିଠା ହଉଛି। ସମସ୍ତେ ଏକାଠି ଖିଆପିଆ କରି ଠାକୁର ମଠଆଡେ ଖେଳିବାକୁ ଯାଉଛୁ। ସେଠି ଦୋଳି ଲାଗିଛି ଆଉ ଗାଁର ବହୁତ ପିଲାଆସି ଖେଳୁଛନ୍ତି। ତାଙ୍କ ସହ ସମୟ କୁଆଡେ କଟି ଯାଉଛି ଜଣାପଡୁନି। ତେବେ ଦୁଃଖ ଲାଗୁଛି କି ରଜ ସରି ଆସିଲାଣି। ପୁଣିଥରେ ଫେରି ସେଇ ରୁଟିନ୍ ଲାଇଫ୍ ଆରମ୍ଭ କରିବାକୁ ହେବ।

– **ଉତ୍କଳ ଦୀପିକା ଦାସ,** କ୍ଲାସ–୯,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ–୯, ଭୁବନେଶ୍ୱର



## ବୋର୍ ଲାଗୁଛି



ଏଥର ରଜରେ ମତେ ବେଶି ମଜା ଲାଗୁନି। କାହିଁକିନା ଏଠି ଆମ ଘର ପାଖରେ ସମସ୍ତେ ସେମାନଙ୍କ ଗାଁକୁ କିମ୍ବା ଅନ୍ୟ ବନ୍ଧୁମାନଙ୍କ ଘରକୁ ଯାଇଛନ୍ତି। ସମସ୍ତେ ରଜ ସରିବା ପରେ ହିଁ ଆସିବେ। ସେଥିପାଇଁ ମତେ ଭାରି ବୋର୍ ଲାଗୁଛି। ଘରେ ମୋ ସାନ ଭଉଣୀ ସହିତ ଯାହା କିଛି ସମୟ ପାଇଁ ଲୁଡୁ ଓ କ୍ୟାରମ୍ ଖେଳୁଛି। ମାମା ମୋ ପାଇଁ ମୋ ପ୍ରିୟ ପିଠା କାକରା ତିଆରି କରିଛି ଆଉ ନୂଆ ଡ୍ରେସ ଆଣିଛି। ବାବା ଆମ ଦୁଇ ଭଉଣୀଙ୍କ ପାଇଁ ବାଲକୋନିରେ ଦୋଳି ଲଗାଇଛନ୍ତି। ନୂଆ ଡ୍ରେସ ପିନ୍ଧି ପିଠା ଆଉ ମିଠା ଖାଇ ଆମେ ଦୋଳି ଖେଳୁଛୁ। ଏମିତିରେ ଏଥର ରଜ ସରିଯିବାକୁ ହେଲାଣି।

–**ଅଙ୍କିତା ବାରିକ,** କ୍ଲାସ–୮, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

## ମାମୁଘରୁ ପିଠା ଆସିଛି



ପହିଲି ରଜ ପୂର୍ବ ଦିନରୁ ଆମେ ସମସ୍ତେ ମିଶି ପୁରୀ ବୁଲିବାକୁ ଯାଇଥିଲୁ। ସେଠି ପୂରା ଦିନ ରହି ରାତିରେ ଆସିଲୁ। ଘରେ ଆମର ଦୋଳି ଲାଗିଛି। ମାମୁଘରୁ ମୋର ପ୍ରିୟ ପୋଡପିଠା ଓ ମିଠା ଆସିଛି। ଏସବୁ ପିଠାପଣା ଖାଇ ଦୋଳି ଖେଳୁଛି। କାଲି ଘର ପାଖ ସାଙ୍ଗମାନଙ୍କ ସହିତ ମତେ ମ୍ୟୁଜିୟମ୍ ଓ ପ୍ଲାନୋଟାରିୟମ୍ ବୁଲାଇବାକୁ ନେବେ ବୋଲି ବାବା କହିଛନ୍ତି। ତେବେ ଏବର୍ଷ ମୋର ବୋର୍ଡ ପରୀକ୍ଷା ଥିବାରୁ ଅଧିକ ବୁଲାବୁଲି କରୁନି। ସ୍କୁଲ ଛୁଟି ଥିଲେ ବି ସବୁବେଳେ ଟିୟୁସନ୍ ହେଉଥିଲା ମାତ୍ର ସପ୍ତାହେ ପାଇଁ ରଜ ଛୁଟି ଦିଆଯାଇଛି। ସେଥିପାଇଁ ବୁଲାବୁଲି ସହ ପଢାପଢି ବି କରିବାକୁ ହେଉଛି।

**–ଆଦିଶ୍ରୀ ପତି**
କ୍ଲାସ– ୧୦, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ ନଗର, ଭୁବନେଶ୍ୱର

## ୱାଟର ପାର୍କ ଯିବି



ଖରାଛୁଟିର ମୁଖ୍ୟ ଆକର୍ଷଣ ଥାଏ ରଜ। ରଜରେ କେଉଁଠିକୁ ବୁଲିବାକୁ ଯିବୁ, କ'ଣ ପିନ୍ଧିବୁ ଏମିତି ସବୁକୁ ନେଇ କେତେଦିନରୁ ପ୍ରସ୍ତୁତି ଚାଲିଥିଲା। ସେହି ଅନୁସାରେ ଏବେ ବେଶ୍ ମଜାରେ ପାଳନ ହେଉଛି ରଜ। ତିନି ଦିନ ପାଇଁ ଆମର ଅଲଗା ଅଲଗା ପ୍ରସ୍ତୁତି ହୋଇଛି। ବୁଲାବୁଲି ହେଉଛି, ହେଲେ କାଲି ଶେଷ ରଜରେ ଆମର ବେଶି ମଜା ହବ। କାହିଁକିନା କାଲି ଖରାବେଳେ ବାବା ମାମା ଓ ସାନ ଭାଇ ସହିତ ମୁଁ ୱାଟର ପାର୍କକୁ ଯିବି। ବାବା ଆମକୁ ନେଇ ଯିବେ ବୋଲି କହିଛନ୍ତି। ତେଣୁ କାଲି ପାଇଁ ଅପେକ୍ଷା ରହିଛି। ଅବଶ୍ୟ ସେଇଠିକୁ ଯିବା ପରେ ବୁଲାବୁଲି ଶେଷ। ତା'ପରେ ସ୍କୁଲ ଖୋଲିବ ଆଉ ପାଠପଢା ପ୍ରତି ଧ୍ୟାନ ଦେବାକୁ ହେବ।

– **ଶକ୍ତିଶଙ୍କର ପଣ୍ଡା,** କ୍ଲାସ–୮, ଆଦର୍ଶ ବିଦ୍ୟାଳୟ, ବେଣ୍ଟପୁର, ଖୋର୍ଦ୍ଧା



**ଶ୍ରିୟାଦିତା ପଣ୍ଡା**
କ୍ଲାସ- ୫,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଘାଟିକିଆ,
ଭୁବନେଶ୍ୱର
୧

**ସୁମୟା ଖାତୁନ୍**
କ୍ଲାସ- ୩,
ଡିଏଭି ପବ୍ଲିକ
ସ୍କୁଲ,
ୟୁନିଟ-୮,
ଭୁବନେଶ୍ୱର
୨





**ଈଶାନୀ ସାଇ ଶର୍ମା**
କ୍ଲାସ-୫,
ନିଉ ଡି ପଲ୍ ସ୍କୁଲ,
ଆମ୍ବପୁଆ,
ବ୍ରହ୍ମପୁର
୩

**ପ୍ରିୟାଂଶୀ ସାହୁ**
କ୍ଲାସ- ୮,
ସରସ୍ୱତୀ ଶିଶୁ ବିଦ୍ୟା
ମନ୍ଦିର,
ବ୍ରହ୍ମପୁର
୪





**ପ୍ରତୀକ ସ୍ୱାଇଁ**
କ୍ଲାସ- ୪,
ହାପି ଆୱାର୍ସ ସ୍କୁଲ,
ସହିଦନଗର,
ଭୁବନେଶ୍ୱର
୫

**ସାଇ ନମ୍ରତା
ମହାପାତ୍ର**
କ୍ଲାସ-୩, ସରସ୍ୱତୀ
ଶିଶୁ ବିଦ୍ୟା ମନ୍ଦିର,
ନିମାପଡା, ପୁରୀ
୬






ଆରାଧ୍ୟା ଦ୍ୱିବେଦୀ
କ୍ଲାସ-୩, ଡିଏଭି
ପବ୍ଲିକ ସ୍କୁଲ,
କଳିଙ୍ଗନଗର,
ଭୁବନେଶ୍ୱର
୭

**ନିର୍ଲିପ୍ତା ରାୟ**
କ୍ଲାସ- ୭,
ଫ୍ୟୁଚର ଭୁବନେଶ୍ୱର
ସ୍କୁଲ,
ଭୁବନେଶ୍ୱର
୮






୧



୨



୩




୪




୫



୬



୭




୮

## କବିତା



### ଆସିଛି ରଜ

ଆସିଛି ପୁଣି ରଜ
ସରବେ କରୁଛୁ ମଉଜ,
କେତେ ଖୁସି ଆଉ ଆନନ୍ଦ
ରଜ ଆଗମନେ ଆସିଛି ପୁଣି,
ରଜ ତିନିଦିନ ଖେଳୁଛୁ ଦୋଳି
ଗାଁ ଝିଅ ବୋହୂ ସମସ୍ତେ ମେଳି,
ଘରେ ଘରେ ପିଠାପଣାର ସୁଅ
ଖାଇ ବୁଲୁଛନ୍ତି କୁଆଁରୀ ଝିଅ,
ମାଆ ବସୁମତୀ ହୁଏ ରଜମତୀ
ମୁରୁକି ମୁରୁକି ହସୁଥାଏ ଧରିତ୍ରୀ।

– ଡ. ସଂଯୁକ୍ତା ପରିଡ଼ା
ମୋ: ୮୦୯୩୭୬୫୩୩୪

### ଆଗ ପରି ନାହିଁ ମଉଜ

ଆଗ ପରି ନାହିଁ ରଜ ମଉଜ
ବାସୁ ନାହିଁ ପିଠା ପଣା
ଓଡ଼ିଆ ଘରର ପୁରୁବ ସଂସ୍କୃତି
ହୋଇଅଛି ବାଟବଣା।
ଫିକା ଫିକା ଲାଗେ ରଜ ସଜବାଜ
ମନରେ ସରାଗ ନାହିଁ
କୁମାରୀମାନଙ୍କ ମନରେ ଆଗ୍ରହ
ଆଗ ପରି ଆଉ କାହିଁ?
ବୁଲା ବୁଲି ପୁରା କମି ଯାଇଅଛି
ଦୋଳି ଖେଳ କାହାଁ ଭାଆଁ
ଆପଣାପଣରେ ଆଗପରି ଆଉ
ଉଛୁଳି ପଡୁନି ଗାଆଁ।
ସହରୀ ସଭ୍ୟତା ଗାଆଁରେ ପଶିଛି
ଶୁଭୁନି ତ ରଜଗୀତ
ତରୁଣୀମାନେ ତ ମୋବାଇଲ ଧରି
ଖୋଜନ୍ତି ନିଜର ମିତ।
ପୁରୁଖା ଲୋକଙ୍କୁ ଗଭୀର ଆଘାତ
ଦିଏ ତ ଏବେକା ରଜ
ଗାଆଁରୁ ସହର ଆତଙ୍କ ଖେଳାଏ
ବନସ୍ତରୁ ଆସି ଗଜ।

– ଜୟନ୍ତ କୁମାର ମଲ୍ଲିକ୍
ମୋ: ୯୪୩୭୮୬୫୭୨୭

### ଏଇ ସେ ରଜ

କରିଲାଣି ପାଗ ମେଘୁଆ
ଚାଷ କାମେ ଚଷା ଆଗୁଆ
ବରଷା ଆସିବା କହୁଛି
ଆକାଶେ ବାଦଲ ବାହୁଛି
ଏଇ ସେ ରଜ ଆସିଛି।
ଘରେ ଘରେ ହସ ଖୁସି ବାଣ୍ଟୁଛି
ମାଆ ପୋଡ଼ପିଠା ଦଉଛି
କାମ ଛାଡ଼ି ଧରା ପୁଜୁଛି
ମାଟି ମାଆ ଋଣ ଶୁଝୁଛି।
ରଜରେ ଦୋଳି
ଖେଳିଲା ବେଳରେ ଗାଇଦେଉଥାଏ
ଗୀତକୁ ତୋଳି।

– ମହେନ୍ଦ୍ର କୁମାର ଘଡ଼େଇ
କଟରପଡ଼ା, ନିଶ୍ଚିନ୍ତକୋଇଲି,କଟକ
ମୋ: ୯୪୩୭୭୪୦୫୬୬

### ଆଜି ରଜ

କୃଷିପ୍ରଧାନ ରାଇଜ ଆମ
କୃଷିଭିତ୍ତିକ ପର୍ବ
ସରାଗେ ଆମେ ସଭିଏଁ ପାଳୁ
ରଜ ଆମର ଗର୍ବ
ସବୁରୀ ଘରେ ପିଠାପଣାର
ଆସର ଅଛି ମେଳି
ଦୋଳିରେ ଝୁଲି କୁଆଁରୀ ଝିଅ
ହସନ୍ତି ଖିଲି ଖିଲି
ଦେହରେ ପିନ୍ଧି ନୂଆ ପୋଷାକ
ହୁଅନ୍ତି ସଜବାଜ
ଆନନ୍ଦ ମନେ ସାଙ୍ଗ ସାଥିରେ
ପାଳନ୍ତି ମିଳି ରଜ
କୃଷକ ପାଇଁ ରଜ ପରବ
ସୂଚନା ଦିଏ ଆଣି
ହେଳା କରନା ଆସୁଛି ମେଘ
ବରଷି ଦେବ ପାଣି।

– ପ୍ରଦୀପ କୁମାର ଜେନା
ହରିପୁର ପୁରୀ
ମୋ: ୯୩୪୮୪୧୭୬୬୦

### ରଜର ପସରା

ଜ୍ୟେଷ୍ଠ ଯାଉଅଛି ସରି
ଆଷାଢ଼ ଆସିଛି ଧୀରେ ରଖି ପାଦ
ରଜର ପସରା ଧରି।
ସୁଆଦିଆ ପୋଡ଼ପିଠା
ଆରିସା କାକରା ଆଣିଅଛି ସାଥେ
କେତେ କେତେ ପୁଣି ମିଠା।
ପାଚିଲା ପଣସ ଆମ୍ବ
ସାଥିରେ ଆଣିଛି ସପେଟା ସପୁରି
ଖଜୁରି ଜାମୁ ଡାଳିମ୍ବ।
ରଜ ତିନିଦିନ ମଜା
କିଶୋରୀ ତରୁଣୀ ସାଜିଛନ୍ତି ରାଣୀ
ଆଉ ସବୁ ଲାଗେ ପ୍ରଜା।

– ପ୍ରଶାନ୍ତ କୁମାର ସାହୁ
ଇନ୍ଦିପୁର, ଘଣାଶାଳ ସାହି,
ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ସର୍ବକନିଷ୍ଠ ଚିତ୍ରକର



ବୟସ ମାତ୍ର ୧ ବର୍ଷ। କିନ୍ତୁ ସେ ପାଲଟିଛନ୍ତି ବିଶ୍ୱର ସର୍ବକନିଷ୍ଠ ଚିତ୍ରକର। ଏଇ ବୟସରେ ସେ ତାଙ୍କର ୯ଟି ଚିତ୍ରକୁ ବିକ୍ରି କରି ସାରିଲେଣି। ଅବିଶ୍ୱସନୀୟ ମନେ ହେଉଥିଲେ ବି ଏଭଳି ଏକ ଆଶ୍ଚର୍ଯ୍ୟକର କାମ କରିଛନ୍ତି ଦକ୍ଷିଣ ଆଫ୍ରିକା ଘାନାର ଏସ୍ ଲିଆମ୍ ନାନା ସାମ୍ ଅଙ୍କରାହ। ମାତ୍ର ୬ ମାସ ହେବା ବେଳକୁ ଚିତ୍ର କରିବା ଆରମ୍ଭ କରିଥିଲେ ଲିଆମ୍। ଆଉ ୧ ବର୍ଷ ୧୫୨ ଦିନ ବେଳକୁ ସେ ଅନେକଗୁଡିଏ ଚିତ୍ର କରି ସାରିଥିଲେ ଓ ସେଥି ମଧ୍ୟରୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ୯ଟି ଚିତ୍ର ବିକ୍ରି କରିବାର ସୁଯୋଗ ପାଇଛନ୍ତି। ଏତେ କମ୍ ବୟସରେ ଲିଆମ୍‌ଙ୍କର ଏହି ସଫଳତା ନିମନ୍ତେ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିପାରିଛି। ତେବେ ଏତେ କମ୍ ବୟସରେ ଲିଆମ୍‌ଙ୍କର ଚିତ୍ର କରିବାର ଦକ୍ଷତାକୁ ପ୍ରଥମେ ଜାଣିପାରିଥିଲେ ତାଙ୍କ ମାଆ। ସେଥିପାଇଁ ତାଙ୍କୁ ଛୋଟବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟସ୍ତ କରି ରଖିବା ପାଇଁ କିଛି ସାଦା କାଗଜ ଓ ରଙ୍ଗ ଧରାଇ ଦେଉଥିଲେ ତାଙ୍କ ମାଆ। ଏହାପରେ ଧୀରେ ଧୀରେ ସେ ଚିତ୍ର ସବୁ ସୁନ୍ଦରଭାବେ କରିବାକୁ ଲାଗିଲେ। ତା'ପରେ ତାଙ୍କୁ କାନ୍‌ଭାସ୍ ଦେବାରୁ ସେ ସୁନ୍ଦରଭାବେ ଚିତ୍ର ଆଙ୍କିଥିଲେ। ଏଭଳିଭାବେ ସେ ବିଭିନ୍ନ ପ୍ରକାର ଅନେକଗୁଡିଏ ଚିତ୍ର ଆଙ୍କିଥିଲେ। ସେସବୁ ଚିତ୍ରକୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା, ଯେଉଁଥିରୁ ୯ଟି ବିକ୍ରି ହୋଇସାରିଛି। ତେଣୁ ସର୍ବକନିଷ୍ଠ ଚିତ୍ରକର ଭାବେ ସେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି।

## ଏଥରର ପ୍ରଶ୍ନ

- ନାଜି ଦଳର ନେତା କିଏ ଥିଲେ ?
- ଜାପାନର ଜାତୀୟ ଖେଳ ?
- ୧୯୩୦ରେ କେଉଁ ଦେଶ ପ୍ରଥମେ ଫିଫା ବିଶ୍ୱକପ୍ ହାସଲ କରିଥିଲା ?
- ଆଧୁନିକ ଅଲିମ୍ପିକ୍ ଗେମ୍‌ରେ ପ୍ରଥମେ କେବେ ମହିଳାମାନେ ଅଂଶଗ୍ରହଣର ସୁଯୋଗ ପାଇଥିଲେ ?
- ବିଶ୍ୱର ଦ୍ରୁତତମ ବ୍ୟକ୍ତିଭାବେ କିଏ ପରିଚିତ ?

## ଗତଥରର ଉତ୍ତର

- ୧୯୧୨
- ସ୍ପୁଟନିକ୍
- ମିଙ୍ଗ୍ ରାଜବଂଶ
- ୧୯୮୯
- ଗ୍ରେଟ୍ ବ୍ରିଟେନ

## କହିଲ ଦେଖି



ଜ୍ୟେଷ୍ଠର ଅନ୍ତେ ଆଷାଢ଼ ପ୍ରାନ୍ତେ
ଧରାକୁ ସିଏ ଆସେ
ପିଠାପଣାର ମିଠା ମହକ
ସବୁରି ଘରେ ବାସେ
କୃଷକଭାଇ ଯାଏନି କ୍ଷେତ
ବୁଲାଏ ନାହିଁ ହଳ
କୁଆଁରୀ ଝିଅ ପିନ୍ଧେନି ଜୋତା
ହୁଅଇ ନାନା ଖେଳ
ସବୁଠୁ ବଡ ପରବଟିଏ
ଅଟେ ସଭିଙ୍କ ପ୍ରିୟ
ଜାଣିଛ ଯଦି ନାମଟି ତାର
ଶୀଘ୍ର ଉତ୍ତର ଦିଅ ?

**ଉ– ରଜ**



ପତରଟିଏ ଦେହରେ ତା'ର
ଚୂନ ଖଇର ମାଖି
ଅତି ଯତନେ ସଜାନ୍ତି ତାକୁ
ଗୁଆ ନଡିଆ ରଖି
ନଡିଆ ମିଠା ପାନମହୁରି
ସେଥିରେ ପୁଣି ଥାଏ,
ସୁଆଦ ପାଇଁ ପକାନ୍ତି ପୁଣି
ଆମ୍ବଅଦାକୁ ଚେରି
ଭାଙ୍ଗନ୍ତି ତାକୁ ତ୍ରିକୋଣକରି
ଲବଙ୍ଗ ଗୋଟେ ମାରି,
ପାଟିକୁ ସିଏ କରଇ ନାଲି
ଖାଇଛ ଥରେ ଯିଏ
ଡେରି ନ କରି ନାମଟି ତା'ର
କହିବ ନିଶ୍ଚେ ସିଏ ?

**ଉ– ରଜପାନ**




କେବେ ପିଣ୍ଡାରେ କେବେ ଗଛରେ
ସେ ପରା ବନ୍ଧାହୁଏ
କେବେ ରସିରେ କେବେ ବାଉଁଶେ
ଝୁଲିକି ସିଏ ରୁହେ
ସେଥିରେ ବସି ଆନନ୍ଦ ମନେ
ଝୁଲେ ଗାଆଁର ଝିଅ
ଖୁସିମନରେ ରସି ଉପରେ
ଖେଳଇ କୁନି ପୁଅ
ବର୍ଷରେ ଥରେ ହୁଏ ସେ ବନ୍ଧା
ଝୁଲି ଖେଳିବା ପାଇଁ
ଖେଳିଛି ଯିଏ ନାମଟି ତା'ର
ପାରିବ ନିଶ୍ଚେ କହି ?

**ଉ– ରଜଦୋଳି**

– ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ଗୁଳୁଗୁଳି





ଖରା ସରି ନାହିଁ, ବର୍ଷା ବି ଥିରିଥିରି ଝରି ନାହିଁ । ମେଘୁଆ ଭାରାକ୍ରାନ୍ତ ଆକାଶ : କେଉଁଠି ହେଲେ ଟିକେ ପବନ ନାହିଁ । ଗଛ ପତର ବି ନିଶ୍ଚଳ ହୋଇ ରହି ଗଲେଣି । ଖରାର ତାତି ଅବଶ୍ୟ ସେତେଟା ନାହିଁ, ଅଥଚ ଦେହ ଝାଳରେ ଜୁଡୁବୁଡୁ ହୋଇ ଯାଉଛି । ଯେତେ ପଙ୍ଖା ବିଞ୍ଚଣା କଲେ ସୁଦ୍ଧା ଝାଳ ମରୁନି କି ଗରମ ସରୁନି । ଘରେ,ପଦାରେ, ତୋଟା, ଗଡ଼ିଆ କିମ୍ବା ନଦୀକୂଳ – ସବୁଠି ସେହି ଏକା ଅସମ୍ଭାଳ ଅବସ୍ଥା । ଏଭଳି ଅବସ୍ଥାରେ ବା କାମଦାମରେ କାହାରି ମନ ଲାଗନ୍ତା କିପରି ? ଏହା ହିଁ ଆମ ଗାଁ ଗହଳିରେ ଗୁଳୁଗୁଳି । ବରଷକର ଏତିକିବେଳେ ହିଁ ଥରେ ସାରା ଜଗତ ଗୁଳୁଗୁଳିର ଗଞ୍ଜଣାରେ ତ୍ରାହିତ୍ରାହି ଡାକେ ।

ଏଭଳି ଗୁଳୁଗୁଳି ଆମ ରାଜ୍ୟରେ ସାଧାରଣତଃ ଜୁନ୍, ଜୁଲାଇ ମାସରେ ଅନୁଭୂତ ହୁଏ । ଏହି ସମୟରେ ମହାପ୍ରଭୁ ଜଗନ୍ନାଥ ଅଣସର ଘରେ ବିଜେ କରୁଥିବାରୁ ଏହି ଗୁଳୁଗୁଳିକୁ ମଧ୍ୟ ଅଣସର ଗୁଳୁଗୁଳି କହନ୍ତି । ଏଠାରେ ଏଭଳି ବିଚିତ୍ର ପରିସ୍ଥିତିର କାରଣ ସମ୍ପର୍କରେ ସୂଚୀତ କରାଯାଉଛି:

> "ବାୟୁରେ ଅସଂଖ୍ୟ ଜଳୀୟବାଷ୍ପ କଣିକା ଅଦୃଶ୍ୟ ରୂପରେ ରହିଥାନ୍ତି । ଏକ ଥଣ୍ଡା ଜଳପୂର୍ଣ୍ଣ ଗିଲାସର ବାହାରପଟେ ଯେଉଁ ଜଳ ବୁନ୍ଦାବୁନ୍ଦା ହୋଇ ଜମିଯାଏ , ତାହା ବାୟୁରେ ଏହି ଅଦୃଶ୍ୟ ଜଳୀୟବାଷ୍ପର ଉପସ୍ଥିତିର ସୂଚନା । କୌଣସି ବାୟୁର ଜଳୀୟବାଷ୍ପ ଧାରଣର ସାମର୍ଥ୍ୟ ତାହାର ତାପମାତ୍ରା ଉପରେ ନିର୍ଭରଶୀଳ ।"

ବାୟୁରେ ଅସଂଖ୍ୟ ଜଳୀୟବାଷ୍ପ କଣିକା ଅଦୃଶ୍ୟ ରୂପରେ ରହିଥାନ୍ତି । ଏକ ଥଣ୍ଡା ଜଳପୂର୍ଣ୍ଣ ଗିଲାସର ବାହାରପଟେ ଯେଉଁ ଜଳ ବୁନ୍ଦାବୁନ୍ଦା ହୋଇ ଜମିଯାଏ, ତାହା ବାୟୁରେ ଏହି ଅଦୃଶ୍ୟ ଜଳୀୟବାଷ୍ପର ଉପସ୍ଥିତିର ସୂଚନା । କୌଣସି ବାୟୁର ଜଳୀୟବାଷ୍ପ ଧାରଣର ସାମର୍ଥ୍ୟ ତାହାର ତାପମାତ୍ରା ଉପରେ ନିର୍ଭରଶୀଳ । ଗୁଳୁଗୁଳି କାଳୀନ ପରିସ୍ଥିତିରେ ବିପୁଳ ଜଳ ବାଷ୍ପ ହୋଇ ବାୟୁରେ ମିଶୁ ଥିବାରୁ ଏଭଳି ଉଷ୍ମ ପବନ ଜଳୀୟ ବାଷ୍ପରେ ଭରପୂର ଥାଏ । ଏଭଳି ଉଷ୍ମ ଆର୍ଦ୍ର ବାୟୁର ଜଳୀୟବାଷ୍ପ ଧାରଣର ସାମର୍ଥ୍ୟ ସମ୍ପୂର୍ଣ୍ଣ ପୂରିଯାଇ ଥିବାରୁ ଏହା ଅନ୍ୟ କୌଣସି ଉତ୍ସରୁ ଆଉ ଅଧିକ ଜଳୀୟବାଷ୍ପ ଗ୍ରହଣ କରିବା ଅବସ୍ଥାରେ ନ ଥାଏ । ସୁତରାଂ ଏଭଳି ଅବସ୍ଥାରେ ଯେତେ ପଙ୍ଖା ବିଞ୍ଚଣା କଲେ ସୁଦ୍ଧା ଦେହରୁ ଝାଳ ବାଷ୍ପ ହୁଏ ନାହିଁ କିମ୍ବା ଥଣ୍ଡା ଲାଗେ ନାହିଁ ।

ଜଳ ତରଳ ଅବସ୍ଥାରୁ ବାଷ୍ପ ହେବା ପାଇଁ ହେଲେ କିଛି ତାପ ଗ୍ରହଣ କରିଥାଏ । ଆମ ଶରୀରରେ ଜମି ଥିବା ଜଳ ଶରୀରରୁ ତାପ ଗ୍ରହଣ କରି ବାଷ୍ପ ହୋଇଯାଏ ଯାହାକୁ ଆମେ ସଧାରଣତଃ ଝାଳ ମରେ ବୋଲି କହିଥାଉ । ଶରୀରରୁ ଯେତେ ବୁନ୍ଦା ଝାଳ ବାଷ୍ପ ହେଉଥାଏ, ଶରୀରରୁ ସେତେ ଅଧିକ ତାପ ପଦାକୁ ସ୍ଥାନାନ୍ତରିତ ହୋଇ ଶୀତଳତା ସୃଷ୍ଟି କରେ । ମାତ୍ର ଗୁଳୁଗୁଳି ସମୟରେ ତ ଶରୀରରୁ ଝାଳ ସହଜରେ ବାଷ୍ପୀଭବନ ହୁଏ ନାହିଁ, ଶୀତଳତା ସୃଷ୍ଟି ହେବ କିପରି ? ସୁତରାଂ ଶରୀରରୁ ଝାଳ ମରି ନ ପାରି ଶରୀର ଉପରେ ଜମିରହି ଏକ ଅଶ୍ୱସ୍ତିକର ଅନୁଭୂତି ସୃଷ୍ଟି କରେ ।0

ଏତିକିବେଳେ ମଧ୍ୟ ଆକାଶରେ ମେଘ ଢାଙ୍କି ଥିବାରୁ ପୃଥିବୀରୁ ବିକିରିତ ତାପରଶ୍ମି ବାଦଲ ଟପି ପଦାକୁ ଯାଇପାରେ ନାହିଁ ଓ ବାୟୁମଣ୍ଡଳ ମଧ୍ୟରେ ହିଁ ଆବଦ୍ଧ ହୋଇ ରହିଯାଏ । ଫଳରେ ଏକ ମେଘୁଆ ଆକାଶର ମଥାନ ତଳେ ଆମେ ଗରମ ଓ ଗୁଳୁଗୁଳିରେ ସିଝିଥାଉ ।

ଗୁଳୁଗୁଳିର ଏପରି ଗଞ୍ଜଣା ସତ୍ତ୍ୱେ ଏହା ଆମର ଜନଜୀବନ ଓ ସଂସ୍କୃତି ପରମ୍ପରା ସହିତ ବେଶ ଘନିଷ୍ଠ ଭାବେ ଜଡିତ । ଏତିକିବେଳେ ହିଁ ଆମ ଓଡ଼ିଆଘରେ ରଜ, ସାବିତ୍ରୀ,ସୁଦଶାବ୍ରତ ଆଦି ଓଷାବ୍ରତ ଅନୁଷ୍ଠିତ ହୁଏ ଓ ନାନା ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଯଥା ଖିରି, ପିଠାପଣା ଆଦି ପ୍ରସ୍ତୁତ ହୁଏ । ରଜବେଳେ ଗାଁ ଝିଅମାନେ ଗୁଳୁଗୁଳିକୁ ଖାତିରି ନକରି ଦୋଳିଖେଳରେ ମାତିଥାନ୍ତି । ଏହି ଗୁଳୁଗୁଳିରେ ଆମ୍ବ, ପଣସ, ସପୁରି ଇତ୍ୟାଦି ପାଚିଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ ।

**–ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମୋ : ୮୯୧୭୬୩୭୯୭୪



# ଶୂନ୍ୟରେ ଖାଉଥିବା ଶୋଉଥିବା ପକ୍ଷୀ

ସମୁଦ୍ର କିମ୍ବା ହ୍ରଦର ନୀଳ ଜଳରାଶି ଉପରେ ପକ୍ଷୀମାନେ ଯେତେବେଳେ ବସିଥାଆନ୍ତି କିମ୍ବା ସୁନୀଳ ଆକାଶରେ ଦଳ ଦଳ ହୋଇ ଉଡି ବୁଲନ୍ତି, ସେତେବେଳେ ତାହା ଦେଖିବାକୁ ବେଶ୍ ମନୋମୁଗ୍ଧକର । ସେମାନେ ସନ୍ଧ୍ୟା ହେଲେ ନିଜ ବସାକୁ ଫେରିଯାଆନ୍ତି । କିନ୍ତୁ ଏଭଳି କେତେକ ପକ୍ଷୀ ଅଛନ୍ତି ଯେଉଁମାନଙ୍କର ବାସସ୍ଥଳୀ ହେଉଛି ଆକାଶ । ସେଠାରେ ସେମାନେ ଉଡି ବୁଲନ୍ତି, ତା'ସହ ଉଡିବା ଅବସ୍ଥାରେ ଖାଆନ୍ତି ଏବଂ ଶୁଅନ୍ତି । ଉକ୍ତ ପକ୍ଷୀର ନାମ 'ହରିୟଲ' ଏବଂ ବୈଜ୍ଞାନିକ ନାମ 'ଟ୍ରେରୋନ୍ ଫୋଇନିକୋପେଟେରା' । ଆମ ଦେଶ ବ୍ୟତୀତ ଏଭଳି ପକ୍ଷୀ ପାକିସ୍ତାନ, ଚାଇନା, ଶ୍ରୀଲଙ୍କା, ନେପାଳ ଏବଂ ବର୍ମାରେ ଦେଖିବାକୁ ମିଳନ୍ତି । ପକ୍ଷୀ ବିଜ୍ଞାନୀମାନେ ମତ ଦିଅନ୍ତି ଯେ, ଏହି ପକ୍ଷୀ ସ୍ୱଭାବତଃ ଲାଜକୁଳା ।

ଏମାନେ ମଣିଷଙ୍କ ସଂସ୍ପର୍ଶରେ ଆସିବାକୁ ପସନ୍ଦ କରନ୍ତି ନାହିଁ । ସେମାନେ ଲୋକଙ୍କ ଆଗମନ ଜାଣିବା କ୍ଷଣି ହିଁ ନିଜକୁ ଗଛପତ୍ରରେ ଲୁଚାଇ ରଖିବାକୁ ପସନ୍ଦ କରନ୍ତି । ଏମାନଙ୍କ ଜୀବନକାଳ ପ୍ରାୟ ୨୬ବର୍ଷ ହୋଇଥାଏ । ଏହି ପକ୍ଷୀଟି ଦେଖିବାକୁ ପାରା ସଦୃଶ ହୋଇଥାନ୍ତି ତେଣୁ ଏମାନଙ୍କୁ 'ଗ୍ରିନ୍ ପିଜନ୍' (ସବୁଜ ପାରା)ମଧ୍ୟ କୁହାଯାଏ । ପୁଣି ଏହି ନିରାମିଷାଶୀ ପକ୍ଷୀ ବେଳେବେଳେ କେବଳ ଉଚ୍ଚ ଗଛର ଅଗ୍ର ଭାଗରେ ବସିବାକୁ ପସନ୍ଦ କରନ୍ତି । ଏମାନେ କଦାପି ମାଟି ଉପରେ ବସନ୍ତି ନାହିଁ ।



ଜାଣି ଅଜାଣା



# ବଦଳୁଛି ନଦୀ ପାଣି ରଙ୍ଗ

ଦିନକୁ ଦିନ ପ୍ରକୃତି ତାହାର ରୂପ ବଦଳାଉଛି । ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ଯୋଗୁ ଏବେ ବରଫ ତରଳିବା ଆରମ୍ଭ କଲାଣି, ଯାହା ସମଗ୍ର ବିଶ୍ୱରେ ଚିନ୍ତାର ବିଷୟ ସାଜିଛି । ଅନ୍ୟପକ୍ଷରେ ଆମେରିକୀୟ ଜଳବାୟୁ ବିଶେଷଜ୍ଞମାନେ ଆଉ ଏକ ନୂଆ କଥା ଉପରେ ଗବେଷଣା ଜାରି ରଖିଛନ୍ତି । ବର୍ତ୍ତମାନ ଆମେରିକାର କେତେକ ନଦୀ ଏବଂ ଝରଣାର ପାଣି ରଙ୍ଗରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏହା ପଛରେ କି କାରଣ ରହିଛି ତାହାର ଅନୁସନ୍ଧାନରେ ସେମାନେ ଲାଗିପଡିଛନ୍ତି । ଆମେରିକାର ଆଲାସ୍କା ରାଜ୍ୟରେ ପ୍ରବାହିତ କେତେକ ନଦୀର ପାଣି ରଙ୍ଗ ନାରଙ୍ଗୀ ଦେଖାଯାଉଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ଏସବୁ ହେଉଛି ବୋଲି କେତେକ ଆମେରିକୀୟ ପାଣିପାଗ ବିଶେଷଜ୍ଞ ମତ ଦେଉଛନ୍ତି । ମାଟି ଭିତରେ ଥିବା ପର୍ମାଫ୍ରାଷ୍ଟ ନାମକ ସ୍ତର ତରଳିବା ହେତୁ ନଦୀ ପାଣିର ରଙ୍ଗରେ ପରିବର୍ତ୍ତନ ହେଉଛି ବୋଲି ସେମାନେ କହିଛନ୍ତି । ଏହି ସ୍ତରରେ ଖଣିଜ ଦ୍ରବ୍ୟ ରହିଥାଏ । ସେଥିରେ ଥିବା ଆଇରନ୍, ଜିଙ୍କ୍, କପର ଏବଂ ଲେଡ୍ ନଦୀ ପାଣିରେ ମିଶିଯିବାରୁ ଏହାର ରଙ୍ଗ ବଦଳି ଯାଉଛି । ଏପରି କି ନିକଟରେ ହାୱାଇର ଏକ ଦ୍ୱୀପରେ ଥିବା ଗଡ଼ିଆ ପାଣି ହଠାତ୍ ଗୋଲାପି ରଙ୍ଗ ଧାରଣ କରିଥିଲା ।

# ଆ ଇ ନା



ଦିବ୍ୟାଂଶା ଓଝା
୭ବର୍ଷ, ଯାଜପୁର



କୃଷ୍ଣକାନ୍ତ ଦାସ
୬ ବର୍ଷ, କଟକ